# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 22nd December – 2025

******************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଉତ୍କର୍ଷ ଓଡ଼ିଶା ପରଠାରୁ ଏପର୍ଯ୍ୟନ୍ତ ୪ ଲକ୍ଷ ୩୮ ହଜାର ୨୨୪ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର ହୋଇଥିବା କହିଲେ ମୁଖ୍ୟମନ୍ତ୍ରୀ ।

— ରାଉରକେଲାରେ ଆସନ୍ତା ମାସ ୨୮ ତାରିଖରୁ ଅନୁଷ୍ଠିତ ହେବ ଏଣ୍ଟରପ୍ରାଇଜ ଓଡ଼ିଶା ।

- ପୁଲିସ୍ ଏସ୍.ଆଇ. ନିଯୁକ୍ତି ପ୍ରକ୍ରିୟା ନେଇ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଲେ ହାଇକୋର୍ଟ ।

- ଛତିଶଗଡ଼କୁ ଆନ୍ତଃ ମନ୍ତ୍ରିସ୍ତରୀୟ କମିଟି ଗଠନ ପାଇଁ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ୍‌ଙ୍କ ପରାମର୍ଶ ।

ଏବଂ

- ରାଷ୍ଟ୍ରୀୟ ମହିଳା ଆୟୋଗଙ୍କ ପକ୍ଷରୁ ଆରମ୍ଭ ହେଲା ଶକ୍ତି ସ୍କଲାର୍ସ ଗବେଷଣା ଫେଲୋସିପ୍ ।

***BBSR/R***

# ମୁଖ୍ୟମନ୍ତ୍ରୀ - ନିବେଶ ସମ୍ମିଳନୀ

ଉତ୍କର୍ଷ ଓଡ଼ିଶା-୨୦୨୫ ପରଠାରୁ ଏପର୍ଯ୍ୟନ୍ତ ରାଜ୍ୟରେ ୪ ଲକ୍ଷ ୩୮ ହଜାର ୨୨୪ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଶ୍ରୀ ମାଝୀ କହିଛନ୍ତି, ଏହାଦ୍ୱାରା ୨ ଲକ୍ଷ ୫୫ ହଜାର ୮୧୭ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଗତ ଦେଢ଼ବର୍ଷ ମଧ୍ୟରେ ୨ ଲକ୍ଷ ୧୦ ହଜାର କୋଟି ଟଙ୍କାର ଶିଳ୍ପ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ହାଇଦ୍ରାବାଦରେ ଆୟୋଜିତ ଦୁଇଦିନିଆ ଓଡ଼ିଶା ନିବେଶକ ସମ୍ମିଳନୀ ଏବଂ ରୋଡ୍ ଶୋ' କାର୍ଯ୍ୟକ୍ରମରୁ ଫେରିବା ପରେ ଆଜି ଭୁବନେଶ୍ୱରସ୍ଥିତ ଲୋକସେବା ଭବନଠାରେ ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ମାଝୀ କହିଛନ୍ତି :

***Voice (CM)*** :.......

ଶ୍ରୀ ମାଝୀ କହିଛନ୍ତି, ରାଜ୍ୟରେ ଭବିଷ୍ୟତ ଶିଳ୍ପାୟନକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ରୂପରେଖ ଉଲ୍ଲେଖନୀୟ ସାବ୍ୟସ୍ତ ହେବ । ଆସନ୍ତାମାସ ୨୮ ଓ ୨୯ ତାରିଖରେ ରାଉରକେଲାଠାରେ 'ଏଣ୍ଟରପ୍ରାଇଜ୍ ଓଡ଼ିଶା' ଆୟୋଜନ କରାଯିବ । କୋଲ୍‌କାତାଠାରେ ମଧ୍ୟ ଏକ ଶିଳ୍ପ ସମ୍ମିଳନୀ ଆୟୋଜନର ଯୋଜନା ରହିଛି ବୋଲି ସେ କହିଛନ୍ତି । ରାଜ୍ୟରେ ନିବେଶକୁ ସହଜ ଓ ସରଳ କରିବା ଲକ୍ଷ୍ୟରେ ବିଭିନ୍ନ ଆଇନରେ ୨୩ଟି ସଂଶୋଧନ

କରାଯାଇଛି । ଅନାବଶ୍ୟକ ପୁରାତନ ଆଇନଗୁଡ଼ିକୁ ବର୍ତ୍ତମାନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଂଶୋଧନ କରାଯାଉଛି ବୋଲି ଶ୍ରୀ ମାଝୀ କହିଛନ୍ତି । ମିଳିଥିବା ପ୍ରସ୍ତାବଗୁଡ଼ିକ ସମ୍ପର୍କରେ ଆସନ୍ତା ୩ ମାସ ମଧ୍ୟରେ ନିଷ୍ପତ୍ତି ଗ୍ରହଣ କରାଯିବାକୁ ସରକାର ବିଚାର କରୁଛନ୍ତି । ହାଇଦ୍ରାବାଦ ସମ୍ମିଳନୀରେ ୨୭ ହଜାର ୬୫୦ କୋଟି ଟଙ୍କାର ୧୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ୬୬ ହଜାର ୭୮୧ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି ମିଳିଛି ଏବଂ ଏହାଦ୍ୱାରା ୫୬ ହଜାର ୩୪୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ରାଜ୍ୟରେ ଶିଳ୍ପାୟନ କ୍ଷେତ୍ରକୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି । ଏକ ବହୁମୁଖୀ, ମୂଲ୍ୟଯୁକ୍ତ ଏବଂ ନିଯୁକ୍ତି ସୃଷ୍ଟିକାରୀ ଶିଳ୍ପ ଅର୍ଥନୀତି ଆଡ଼କୁ ଓଡ଼ିଶା ଅଗ୍ରସର ହେଉଛି ବୋଲି ଶ୍ରୀ ମାଝୀ କହିଛନ୍ତି ।

***Cuttack/R***

## ହାଇକୋର୍ଟ - ଏସ୍.ଆଇ. ନିଯୁକ୍ତି

ପୁଲିସ୍ ଏସ୍.ଆଇ. ନିଯୁକ୍ତି ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସି.ବି.ଆଇ. ତଦନ୍ତ ଜାରି ପରିପ୍ରେକ୍ଷୀରେ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବା ନେଇ ଜବାବ ଦାଖଲ କରିବାକୁ କୋର୍ଟ କହିଛନ୍ତି । ପରବର୍ତ୍ତୀ ଶୁଣାଣି ପୂର୍ବରୁ ଏହି ତଥ୍ୟ କୋର୍ଟଙ୍କୁ ପ୍ରଦାନ କରିବାକୁ

କୁହାଯାଇଛି । ଜାନୁୟାରୀ ତୃତୀୟ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି ।

*Desk*

## ମହାନଦୀ ଜଳ ବିବାଦ

ଛତିଶଗଡ଼କୁ ଆନ୍ତଃ ମନ୍ତ୍ରିସ୍ତରୀୟ କମିଟି ଗଠନ ପାଇଁ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ପରାମର୍ଶ ଦେଇଛନ୍ତି । ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ମହାନଦୀ ଜଳ ବିବାଦ ନେଇ ରାଜ୍ୟର ଉଚ୍ଚସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର ଆନ୍ତଃ ମନ୍ତ୍ରିସ୍ତରୀୟ କମିଟି ସମ୍ପର୍କରେ ଆଲୋଚନା ହୋଇଛି । ଆସନ୍ତା ବର୍ଷ ଏପ୍ରିଲ ମାସରେ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ସମୟସୀମା ବୃଦ୍ଧି ନେଇ ଲିଖିତ ଭାବେ ଓଡ଼ିଶା ଓ ଛତିଶଗଡ଼ ସରକାର ଅନୁରୋଧ କରିବାକୁ ନିଷ୍ପତ୍ତି ହୋଇଛି। ଜାନୁଆରୀ ମାସ ପ୍ରଥମ ସପ୍ତାହ ସୁଦ୍ଧା କାର୍ଯ୍ୟକାଳ ବୃଦ୍ଧି ସଂକ୍ରାନ୍ତ ପ୍ରସ୍ତାବ ଉପସ୍ଥାପନ କରିବାକୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଫେବୃଆରୀ ମାସ ୭ ତାରିଖରେ ପରବର୍ତ୍ତୀ ଶୁଣାଣି ନେଇ ଟ୍ରିବ୍ୟୁନାଲ୍ ଦିନ ଧାର୍ଯ୍ୟ ହୋଇଛି।

*Jharsuguda/R*

# ଆଇ.ଟି.ଆଇ. ଭିତ୍ତିପ୍ରସ୍ତର

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ବାଘମୁଣ୍ଡାଠାରେ ଶିଳ୍ପ ତାଲିମ ଅନୁଷ୍ଠାନ କେନ୍ଦ୍ରର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୁଜାରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ୨୯ କୋଟି ଟଙ୍କା ବ୍ୟୟରେ ୧୦ ଏକର ପରିମିତ ସ୍ଥାନରେ ୧୬ଟି ଟ୍ରେଡ୍‌କୁ ନେଇ ଏହି ଆଇ.ଟି.ଆଇ. ଆଗାମୀ ୨୦୨୭ ମସିହା ସୁଦ୍ଧା କାର୍ଯ୍ୟକ୍ଷମ ହେବ । ଛାତ୍ରଛାତ୍ରୀମାନଙ୍କପାଇଁ ଛାତ୍ରାବାସର ବ୍ୟବସ୍ଥା କରାଯାଇଛି । ଏହି ଅବସରରେ ବ୍ରଜରାଜନଗର ନିର୍ବାଚନ ମଣ୍ଡଳିରେ ୨୨ କୋଟି ୩୯ ଲକ୍ଷ ଟଙ୍କା ବ୍ୟୟରେ ବିଭିନ୍ନ ରାସ୍ତାର ଉନ୍ନୟନ କାର୍ଯ୍ୟ ଓ 'ବିକଶିତ ଗାଁ : ବିକଶିତ ଓଡ଼ିଶା' ଯୋଜନାରେ ୩ କୋଟି ୫୮ ଲକ୍ଷ ଟଙ୍କା ବ୍ୟୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ କରାଯାଇଛି ।

*HS*

# ଶକ୍ତି ସ୍କଲାର୍ସ ଫେଲୋସିପ୍

ରାଷ୍ଟ୍ରୀୟ ମହିଳା ଆୟୋଗଙ୍କ ପକ୍ଷରୁ 'ଶକ୍ତି ସ୍କଲାର୍ସ' ଶୀର୍ଷକ ଏକ ଗବେଷଣା ଫେଲୋସିପ୍ ଆରମ୍ଭ କରାଯାଇଛି । ଆୟୋଗଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ୨୧ରୁ ୩୦ ବର୍ଷ ବୟସ୍କ ଭାରତୀୟ

ନାଗରିକଙ୍କପାଇଁ ଏହି ଫେଲୋସିପ୍ ଉପଲବ୍ଧ ହେବ । ମହିଳାଙ୍କ ପ୍ରସଙ୍ଗ ସମ୍ପର୍କିତ ନୀତି ଆଧାରିତ ଗବେଷଣାପାଇଁ ଯୁବ ଛାତ୍ରଛାତ୍ରୀ ଏବଂ ଗବେଷକଙ୍କଠାରୁ ଆବେଦନ ଆହ୍ୱାନ କରାଯାଇଛି । ସ୍ନାତକୋତ୍ତର କିମ୍ବା ଉଚ୍ଚତର ଗବେଷଣା କରୁଥିବା କିମ୍ବା ଗବେଷଣା ସମ୍ପନ୍ନ କରିଥିବା ଆବେଦନକାରୀଙ୍କୁ ଏଥିପାଇଁ ପ୍ରାଥମିକତା ପ୍ରଦାନ କରାଯିବ । ପ୍ରମାଣିତ ଗବେଷଣା କ୍ଷମତା ଥିବା ସ୍ୱାଧୀନ ଗବେଷକ ମଧ୍ୟ ଏଥିପାଇଁ ଆବେଦନ କରିପାରିବେ ବୋଲି ଆୟୋଗ କହିଛନ୍ତି । ମନୋନୀତ ଆବେଦନକାରୀଙ୍କୁ ୬ ମାସର ଗବେଷଣା ଅବଧିପାଇଁ ୧ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯିବ । ତେବେ ପର୍ଯ୍ୟାୟକ୍ରମେ ଗବେଷଣାର ପ୍ରଗତି ଆଧାରରେ ଏହି ରାଶି ପ୍ରଦାନ କରାଯିବ ବୋଲି ଆୟୋଗ କହିଛନ୍ତି ।

***Baragarh/R***

## ଧନୁଯାତ୍ରା

ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ବୁଧବାରଠାରୁ ଜାନୁୟାରୀ ୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ୧୧ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବ ଅବସରରେ ବରଗଡ଼ ସହର ମଥୁରା ନଗରୀରେ ପରିଣତ ହେବ । ପୌରାଣିକ ଘଟଣାବଳୀ ଆଧାରିତ ମଥୁରା ନରେଶ ମହାରାଜା କଂସଙ୍କ ରାଜ୍ୟଶାସନ ଏବଂ ଭଗବାନ୍ ଶ୍ରୀକୃଷ୍ଣଙ୍କ ଦିବ୍ୟ ବାଲ୍ୟଲୀଳା ମୁକ୍ତାକାଶ

ରଙ୍ଗମଞ୍ଚରେ ଅନୁଷ୍ଠିତ ହେବ । ଏହି ଅବସରରେ ସମୁଦାୟ ୨୨ଟିରୁ ଅଧିକ ମଞ୍ଚରେ ୨ ଶହରୁ ଊର୍ଦ୍ଧ୍ୱ କଳାକାରଙ୍କ ସମେତ ଅଢ଼େଇଶହ ଅଧିକ ଜିଲ୍ଲା, ରାଜ୍ୟ, ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରୀୟ କଳାକାର ସେମାନଙ୍କର କଳାନୈପୁଣ୍ୟ ପ୍ରଦର୍ଶନ କରିବେ । ଧନୁଯାତ୍ରା ମହୋତ୍ସବର ଶୁଭାରମ୍ଭ ଅବସରରେ ଏକ ସାଂସ୍କୃତିକ ଶୋଭାଯାତ୍ରା ବୁଧବାର ଅପରାହ୍ଣ ଗୋଟାଏରୁ ସ୍ଥାନୀୟ ଗାନ୍ଧିଛକଠାରୁ ବାହାରିବ । ୨୨ରୁ ଅଧିକ ଜିଲ୍ଲା ଓ ରାଜ୍ୟସ୍ତରୀୟ ସାଂସ୍କୃତିକ ଦଳ ଏଥିରେ ସାମିଲ୍ ହେବେ । ଚଳିତ ବର୍ଷ ପ୍ରଥମ ଥରପାଇଁ ଆସନ୍ତା ୨୭ ଏବଂ ୨୮ ତାରିଖରେ ପଞ୍ଚାୟତ ମହାବିଦ୍ୟାଳୟଠାରେ ଏକ ଦୁଇଦିନିଆ ଜାତୀୟ କର୍ମଶାଳା ଆୟୋଜନ କରାଯିବ ।

***Puri/R***

## ଫାଶୀକାଠ - ସମ୍ବର୍ଦ୍ଧନା

ପୁରୀ ଶ୍ରୀକ୍ଷେତ୍ରରେ ଗତ ରଥଯାତ୍ରାପାଇଁ ସ୍ୱେଚ୍ଛାକୃତ ଭାବେ ଫାଶୀ କାଠ ପ୍ରଦାନ କରିଥିବା ୬୯ ଜଣଙ୍କୁ ଆଜି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ପ୍ରଶାସନ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ସେମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି, ରଥଯାତ୍ରାପାଇଁ ଫାଶୀକାଠର ଅଭାବକୁ ଏହି ସ୍ୱେଚ୍ଛାକୃତ ଦାତା ପୂରଣ

କରିପାରିଛନ୍ତି । ଗତ ରଥଯାତ୍ରାରେ ସେମାନେ ୧୧୦ ଖଣ୍ଡ ଫାଶୀକାଠ ଦାନ କରିଥିବା ଶ୍ରୀ ପାଢ଼ୀ କହିଛନ୍ତି ।

*Nabarangpur/R*

## ସୁଶାସନ ସପ୍ତାହ

ନବରଙ୍ଗପୁର ଜିଲ୍ଲା ଆକାଂକ୍ଷୀ ବ୍ଲକ୍ ତେନ୍ତୁଳିଖୁଣ୍ଟିଠାରେ ସୁଶାସନ ସପ୍ତାହ ପାଳନ ଅବସରରେ ଆଜି ପ୍ରଶାସନ 'ଗାଓଁ କୀ ଓର୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ଏଥିରେ ଯୋଗଦେଇ ସରକାରଙ୍କ ବିଭିନ୍ନ ଆକାଂକ୍ଷୀ ଯୋଜନା ଏବଂ ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିଥିଲେ । ସରକାର ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସମ୍ପର୍କକୁ ଅଧିକ ମଜବୁତ୍ କରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ଜିଲ୍ଲାପାଳ ଶ୍ରୀ ସ୍ୱାଇଁ କହିଛନ୍ତି ।

*Boudh/R*

## ମତ ବିନିମୟ କାର୍ଯ୍ୟକ୍ରମ

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଲୁଣିବାହାଲ୍ଠାରେ ନିର୍ବାଚନ ସଂସ୍କାର ସମ୍ପର୍କିତ ଏକ ଆଲୋଚନା ଓ ମତ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ

ହୋଇଯାଇଛି । ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଏବଂ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ନେଇ ବୈଠକରେ ଆଲୋଚନା ହୋଇଛି । ବିଧାୟକ ସରୋଜ ପ୍ରଧାନ ଏବଂ ବି.ଜେ.ପି.ର ଜିଲ୍ଲା ପର୍ଯ୍ୟବେକ୍ଷକ ଗୋବିନ୍ଦ ଅଗ୍ରୱାଲ୍ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ ।

***Nayagarh/R***

## ସଦାଶିବ ସ୍ମାରକୀ କ୍ରିକେଟ୍

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଫତେଗଡ଼ ନାଲିସାଗର ଷ୍ଟାଡିୟମ୍‌ଠାରେ ଷୋଡ଼ଶ ସର୍ବଭାରତୀୟ ସଦାଶିବ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଫାଇନାଲ୍ ମ୍ୟାଚ୍‌ରେ ଭୁବନେଶ୍ୱର ସାଇ-ଏଲେଭେନ୍ ଦଳ ୧୧୫ ରନ୍‌ରେ ଭୁବନେଶ୍ୱର ଟି.ସି.ସି. ଦଳକୁ ପରାସ୍ତ କରି ଚାମ୍ପିୟନ୍ ହୋଇଛି । ଉଦ୍‌ଯାପନୀ ସମାରୋହରେ ବିଧାୟକ ରମେଶ ଚନ୍ଦ୍ର ବେହେରା ଏବଂ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ ।

*Nayagarh, Kendrapara/R*

# ସାଂସଦ କ୍ରୀଡ଼ା ମହୋତ୍ସବ

ନୟାଗଡ଼ ସହରର ଦକ୍ଷିଣକାଳୀ ଖେଳପଡ଼ିଆଠାରେ ସାଂସଦ କ୍ରୀଡ଼ା ମହୋତ୍ସବକୁ ସାଂସଦ ଡକ୍ଟର ସମ୍ବିତ୍ ପାତ୍ର ଉଦ୍‌ଘାଟନ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଆଧାରିତ କ୍ରୀଡ଼ା ମହୋତ୍ସବ ଖେଳ ପ୍ରତି ଯୁବବର୍ଗଙ୍କୁ ପ୍ରୋତ୍ସାହନ ପ୍ରଦାନ କରୁଛି ବୋଲି ଡକ୍ଟର ପାତ୍ର କହିଛନ୍ତି । ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ ।

କେନ୍ଦ୍ରାପଡ଼ା ହାଇସ୍କୁଲ୍ ପଡ଼ିଆଠାରେ ଆଜିଠାରୁ ଆରମ୍ଭ ହୋଇଥିବା ସାଂସଦ ଖେଳ ମହୋତ୍ସବରେ କେନ୍ଦ୍ରାପଡ଼ା ଲୋକସଭା ମଣ୍ଡଳୀ ଅଧୀନସ୍ଥ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୨ ହଜାରରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଛନ୍ତି । ବ୍ୟକ୍ତିଗତ ବର୍ଗ ପ୍ରତିଯୋଗିତା ଆଜି ଅନୁଷ୍ଠିତ ହୋଇଥିବାବେଳେ ଆସନ୍ତାକାଲିଠାରୁ ଦଳୀୟ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହେବ । ଆସନ୍ତା ଗୁରୁବାର କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ ହେବ ।

ନବରଙ୍ଗପୁର ଷ୍ଟାଡିୟମ୍ ପରିସରରେ ଅନୁଷ୍ଠିତ ସାଂସଦ ଖେଳ ମହୋତ୍ସବର ଦ୍ୱିତୀୟ ଦିନରେ କବାଡ଼ି ପ୍ରତିଯୋଗିତାରେ କୋଟପାଡ଼ ବ୍ଲକ୍‌କୁ ପରାସ୍ତ କରି ମାଲକାନଗିରି ବିଜୟ ଲାଭ କରିଛି । ପୁରୁଷ ଭଲିବଲ୍ ପ୍ରତିଯୋଗିତାରେ ନବରଙ୍ଗପୁର ପଞ୍ଚାୟତ ସମିତି ଚାମ୍ପିୟନ୍ ହୋଇଛି ।

***Desk, Boudh, Sonepur, Nayagarh, Kendrapara, Bhadrak, Gajapati, Deogarh, Khurda/R***

# ଅଭିଯୋଗ ଶୁଣାଣି

ରାଜ୍ୟରେ ଆଜି ବିଭିନ୍ନ ଜିଲ୍ଲାରେ ଅନୁଷ୍ଠିତ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସମ୍ପର୍କିତ ଖବର ଆମର ହସ୍ତଗତ ହୋଇଛି । ବୌଦ୍ଧ ଜିଲ୍ଲା ପଦମନପୁର ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଏବଂ ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋୟଲ୍ ପ୍ରମୁଖ ଯୋଗଦେଇ ୧୨୨ଟି ଅଭିଯୋଗର ଶୁଣାଣି କରିଛନ୍ତି ।

ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ୍ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳ ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୋଟ୍ ୯୭ଟି ପଞ୍ଜିକୃତ ଅଭିଯୋଗର ଶୁଣାଣି ହୋଇଛି ।

ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ୍‌ରେ ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୯୩ଟି ଅଭିଯୋଗର ଶୁଣାଣି ହୋଇଛି ।

କେନ୍ଦ୍ରାପଡ଼ା ଗରଦପୁର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୭୯ଟି ଅଭିଯୋଗର ଶୁଣାଣି ହୋଇଥିବାବେଳେ ୪ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୮ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି ।

ଭଦ୍ରକ ବ୍ଲକ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୨୨ଟି ଅଭିଯୋଗର ଶୁଣାଣି ହେବା ସହ ୫ ଜଣଙ୍କୁ ଜିଲ୍ଲା ରେଡ୍‌କ୍ରସ୍ ପାଣ୍ଠିରୁ ୧୭ ହଜାର ଟଙ୍କା ପ୍ରଦାନ କରାଯାଇଛି ।

ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ୍ ଅନ୍ତର୍ଗତ ଲାବଣ୍ୟଗଡ଼ ଗ୍ରାମ ପଞ୍ଚାୟତ ସମମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୬୪ଟି ଅଭିଯୋଗର ଶୁଣାଣି ହୋଇଛି । ୪ଟି ଅଭିଯୋଗର ତୁରନ୍ତ ସମାଧାନ ସହ ୧୦ ଜଣଙ୍କୁ ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତା ଏବଂ ୩୮ ଜଣଙ୍କୁ ପଟ୍ଟା ବଣ୍ଟନ କରାଯାଇଛି ।

ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ୍ କାଦୋପଡ଼ା ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୪୫ଟି ଅଭିଯୋଗର ଶୁଣାଣି ହୋଇଛି ।

ଖୋର୍ଦ୍ଧା ଜିଲ୍ଲା ପିଚୁକୁଳି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଏବଂ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ ।

******